# Akashvani, Sambalpur

## SAMBALPURI NEWS EVENING BULLETIN

## 11 June 2024- 7.02 pm- 7.12 pm.

*********************************************

୧- ମୋହନ୍ ଚରଣ୍ ମାଝୀ ହେବେ ଓଡ଼ିଶାର୍ ନୂଆଁ ମୁଖ୍ୟମନ୍ତ୍ରୀ ।

- ବିଜେପି ବିଧାୟକ୍ ଦଲ୍ ବୈଠକ୍‌ଥି ହେଲା ନିଷ୍ପତି ।

୨- ଆଏବା କାଏଲ୍ ଓଡ଼ିଶାର୍ ମୁଖ୍ୟମନ୍ତ୍ରୀଙ୍କର୍ ଶପଥ୍ ଗ୍ରହଣ୍ ସମାରୋହଥି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ସହେତେ ଯୋଗ୍ ଦେବେ ଭିନ୍ ଭିନ୍ ରାଜ୍ୟର୍ ମୁଖ୍ୟମନ୍ତ୍ରୀ ।

୩- ସମ୍ବଲପୁରର୍ ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରାଥି ଆଏଜ୍ ଅଧ୍‌ରାତିନୁ ମୁଲ୍ ହେବା ଦେବଦମ୍ପତିଙ୍କର୍ ନଗର୍ ପରିକ୍ରମା ।

ଆଉର୍

୪- ଆଏବା ଶୁକ୍ରବାର୍‌ତକ୍ ପଶ୍ଚିମ ଓଡ଼ିଶା ଲାଗି ରହେବା ତାତି ।

ଓଡ଼ିଶା ନୂଆଁ ମୁଖ୍ୟମନ୍ତ୍ରୀ- ମୋହନ୍ ମାଝୀ/ଆର୍‌ଏନ୍‌ୟୁ ସମ୍ବଲପୁର

ଓଡ଼ିଶାର ନୂଆଁ ମୁଖ୍ୟମନ୍ତ୍ରୀ ଭାବେ ବିଜେପି ନେତା ଆଉ କେନ୍ଦୁଝର୍‌ର ବିଧାୟକ୍ ମୋହନ୍ ଚରଣ୍ ମାଝୀଙ୍କୁ ନିର୍ବାଚିତ କରାଯାଇଛେ । ଆଏଜ୍ ଭୁବ୍‌ନେଶ୍ୱର୍ ଠାନେ ଦଲର୍ କାର୍ଯ୍ୟାଳୟ ନ ହେଇଥିବା ବିଧାୟକ୍ ଦଲର୍ ବୈଠକ୍‌ଥି ଶ୍ରୀ ମାଝୀଙ୍କୁ ବିଧାୟକ୍ ଦଲର୍ ନେତାମାନେ ନିର୍ବାଚିତ କରିଛନ୍ ।

ସେନ୍ତା ପାଟ୍‌ନାଗଡର୍ ବିଧାୟକ୍ କନକ ବର୍ଦ୍ଧନ୍ ସିଂହଦେଓ ଆଉ ନିମାପଡ଼ାର ବିଧାୟିକା ପ୍ରଭାତି ପରିଡ଼ା ଓଡ଼ିଶାର୍ ଉପ ମୁଖ୍ୟମନ୍ତ୍ରୀ ହେବେ । ବିଧାୟକ୍ ଦଲର୍ ବୈଠକ୍ ସର୍‌ବାର୍ ଉତ୍‌ରୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ୍ ଆଉ ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂ ସମସ୍ତଙ୍କର୍ ନାଁ ଘୋଷ୍‌ନା କରିଛନ୍ । ଦଲର୍ ୨ ଝନ୍ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ୍, ପଦାଧିକାରୀ ଆଉ ସାଂସଦ୍ ମାନ୍‌କର୍ ଉପସ୍ଥିତିଥି ବିଜେପି ରାଜ୍ୟ ମୁଖ୍ୟାଳୟ ଠାନେ ବିଧାୟକ୍ ଦଲର୍ ବୈଠକ୍ ହେଇଥିଲା । ଦଲ୍ ତର୍‌ଫୁ ଶ୍ରୀ ମାଝୀଙ୍କର୍ ନାଁ ଉପସ୍ଥାପନ୍ କରାଯାଇଥିବାର୍ ବେଲେ ପ୍ରସ୍ତାବ୍‌କେ ବିଧାୟକ୍‌ମାନେ ଗୁଟେ ମତଥି ସମର୍ଥନ୍ ଦେଇଥିଲେ । ଆଏବା କାଏଲ୍ ଉପର୍‌ବେଲା ୫ ବଜେ ଓଡ଼ିଶାର୍ ନୂଆଁ ମୁଖ୍ୟମନ୍ତ୍ରୀ ଶପଥ୍ ନେବେ । ଶପଥ୍ ପାଠ ଉତ୍ସବ୍‌ଥି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ସହେତେ ବହୁତ୍‌ଟେ କେନ୍ଦ୍ରମନ୍ତ୍ରୀ, ବିଜେପି ଶାସିତ ରାଜ୍ୟର୍ ମୁଖ୍ୟମନ୍ତ୍ରୀମାନେ ଯୋଗ୍ ଦେବେ । ଇନ ଜନେଇ ଦିଆଯାଇପାରେ ଯେ, ମୋହନ୍ ଚରଣ୍ ମାଝୀ ଚଲ୍‌ତିଥର୍ ୪ ନମ୍ବର୍ ଥର୍ ଲାଗି ବିଧାୟକ୍ ନିର୍ବାଚିତ୍ ହେଇଛନ୍ ।

ମୁଖ୍ୟମନ୍ତ୍ରୀ ଶପଥ୍ ଗ୍ରହଣ- ସୁରକ୍ଷା ଆର୍ଏନ୍ୟୁ/ କଟକ୍

ପ୍ରଧାନ୍ମନ୍ତ୍ରୀଙ୍କର୍ ଗସ୍ତକେ ନଜର୍ଥି ରଖିକରି ରାଜ୍ଧାନୀ ନ ସୁରକ୍ଷା ବ୍ୟବସ୍ଥାକେ କଡ଼ାକଡ଼ି କରାଯାଇଛେ । ପୁଲିସ୍ କମିଶନର୍ ସଞ୍ଜିବ୍ ପଣ୍ଡା କହିଛନ୍ ଯେ, ନୂଆଁ ମୁଖ୍ୟମନ୍ତ୍ରୀଙ୍କର୍ ଶପଥ୍ ସମାରୋହ ଆଏବା କାଏଲ୍ ଦୁଇପହରର୍ ୨ ବଜେନୁ ସଞ୍ଜ୍ବେଲର୍ ୭ ବଜେତକ୍ ନାହେତ ଶପଥ୍ ସମାରୋହ ସର୍ବାର୍ତକ୍ ଭୁବ୍ନେଶ୍ୱର୍ର ଭିନ୍ ଭିନ୍ ଇଲାକା ନ ଗାଡ଼ିମଟର୍ ଚଲାଚଲ୍ଥି କଟ୍କନା ଜାରି ରହେବା । ସେ କହିଛନ୍ ଯେ, ଆଇ.ଜି. ପ୍ରବୀଣ୍ କୁମାର୍ ଜନତା ମଇଦାନ୍ ସୁରକ୍ଷା ଦାୟିତ୍ୱ ଥି ରହେବେ । ଆଇ.ଜି. ସାର୍ଥକ୍ ଷଡ଼ଙ୍ଗୀ ବିମାନ୍ ବନ୍ଦର୍ର ତଦାରଖ୍ ଆଉ ଉମାଶଙ୍କର୍ ଦାସ ଟ୍ରାଫିକ୍ ଦାୟିତ୍ୱଥି ରହେବେ ।

ଶପଥ୍ ଗ୍ରହଣ୍-ନିମନ୍ତ୍ରଣ୍ ଆର୍ଏନ୍ୟୁ/ କଟକ୍

ନୂଆଁ ମୁଖ୍ୟମନ୍ତ୍ରୀଙ୍କର୍ ଶପଥ୍ ଗ୍ରହଣ୍ ଉତ୍ସବ୍ଥି ଯୋଗ୍ ଦେବାର୍ ଲାଗି ରାଜ୍ୟ ବିଜେପି ସଭାପତି ମନମୋହନ୍ ସାମଲ୍ ଆଘର୍ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ଙ୍କୁ ନିମନ୍ତ୍ରଣ୍ କରିଛନ୍ । ବିଜେପିର୍ ୫ ଝନ୍ ବରିଷ୍ଠ ନେତା ମନମୋହନ୍

ସାମଲ୍, ସୁରେଶ୍ ପୂଜାରୀ, ବସନ୍ତ ପଣ୍ଡା, ସମୀର୍ ମହାନ୍ତି ଆଉ ନିତ୍ୟାନନ୍ଦ ଗଣ୍ଡ ନବୀନ୍ ନିବାସ୍ ଯାଇକରି ଶ୍ରୀ ପଟ୍ଟନାୟକ୍‌ଙ୍କୁ ନିମନ୍ତ୍ରଣ୍ କରିଛନ୍ ।

ଶୀତଲ୍‌ଷଷ୍ଠୀ ବର୍‌ଗଡ୍/ ସୁବର୍ଣ୍ଣପୁର୍/ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍‌ର ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରାର୍ ମୁଖ୍ୟ ଆକର୍ଷଣ୍ ଦେବଦମ୍ପତିଙ୍କର୍ ନଗର୍ ପରିକ୍ରମା ଯାତ୍ରା ଆଏଜ୍ ଅଧ୍‌ରାତିନୁ ମୁଲ୍ ହେବା । ନନ୍ଦପଡ଼ାର୍ ବମ୍‌ବରାଡ଼ ବାଲୁଙ୍କେଶ୍ୱର୍ ବାବା, ଝାଡୁଆପଡ଼ାର୍ ଲୋକନାଥ ବାବା, ମୁଦିପଡ଼ାର୍ ଜାଗେଶ୍ୱର୍ ବାବା, ବଡ଼ବଜାରର୍ ଶୀତଲେଶ୍ୱର୍ ବାବା, ଠାକୁରପଡ଼ାର୍ ଗୁପ୍ତେଶ୍ୱର୍ ବାବା, ବୁଢ଼ାରଜାର କୋଶଲେଶ୍ୱର ବାବା, ସାକ୍ଷୀପଡ଼ାର୍ ଓମ୍‌କାରେଶ୍ୱର୍ ବାବା, ଜମନ୍‌କିରାର ଶ୍ରୀ ଶ୍ରୀ ମୁକ୍ତେଶ୍ୱର୍, ହୀରାକୁଦ୍‌ର ନୀଳକଣ୍ଠେଶ୍ୱର୍ ବାବା- ଜଗତ୍‌ଜନନୀ ମାତା ପାର୍ବତୀଙ୍କର୍ ସାଙ୍ଗେ ସୁସଜ୍ଜିତ ରଥ୍‌ମାନ୍‌କେ ନଗର ପରିକ୍ରମାଥି ବାହାର୍‌ବେ । ଇ ନଗର୍ ପରିକ୍ରମା ଯାତ୍ରାଥି ପାରମ୍ପରିକ୍ ଦୁଲ୍‌ଦୁଲି ଘଂଟ ସମ୍ପର୍ଦା ବାଦ୍ୟ ସାଙ୍ଗେ ରାଜ୍ୟ ଆର୍ ରାଜ୍ୟ ବାହାରୁ ଆସିଥିବା ନୃତ୍ୟ ଗୀତର୍ ଲୋକ୍‌କଲାକାର୍‌ମାନେ ସାମିଲ୍ ହେବେ । ଆଏବା କାଏଲ୍ ଉପର୍‌ବେଲା ଦେବଦମ୍ପତିଙ୍କର୍ ମନ୍ଦିର୍ ପ୍ରବେଶ୍ ହେବାର୍‌ତକ୍ ଯାତ୍ରା ଚାଲ୍‌ବା । ମହାଆଲ୍‌ତୀ

ଉତ୍ରୁ ଦେବଦମ୍ପତି ମନ୍ଦିର୍ ପ୍ରବେଶ୍ କର୍ବେ । ଗଲା ରାତି ମହାଦେବଙ୍କର୍ ବରାତି ନୁ ସମ୍ବଲପୁର୍ ସହର୍ ଗଜ୍ଗଜଉଛେ । ଯାତ୍ରା ଯେନ୍ତା ଶାନ୍ତିଶୃଙ୍ଖଲାଥି ହେବା ହେଥିର୍‌ଲାଗି ପ୍ରଶାସନ୍ ତର୍ଫୁ ବନ୍ଦୋବସ୍ତ କରାଯାଇଥିବାର୍ ବେଲେ ଯାତ୍ରା କମିଟିର୍ କର୍ମକର୍ତା ଆର୍ ସ୍ୱେଚ୍ଛାସେବୀମାନେ ଅଠିପହର୍ ନିଜର୍ ନିଜର୍ କାମ୍‌ଥି ଲାଗିଛନ୍ । ସହରର୍ ଭିନ୍ ଭିନ୍ ଜାଗା ନ ୩୦ ପ୍ଲାଟୁନ୍ ପୁଲିସ୍‌ଙ୍କୁ ସୁରକ୍ଷା ଦାୟିତ୍ୱ ଦିଆଯାଇଛେ ।

ଯାତ୍ରାର୍ ଲାଗି ଜିଲ୍ଲା ପ୍ରଶାସନ୍, ଜନସ୍ୱାସ୍ଥ୍ୟ ବିଭାଗ୍, ବିଦ୍ୟୁତ୍ ଆଉ ମହାନଗର୍ ନିଗମ୍ ତର୍ଫୁ ପିଇବାର୍ ପାଏନ୍, ପ୍ରାଥମିକ ଚିକିତ୍ସା, ଲାଇଟ୍ ବାଗିର୍ ଭିନ୍ ଭିନ୍ ବ୍ୟବସ୍ଥାର୍ ତୟାରି କରାଯାଇଛେ ।

ସୁବର୍ଣ୍ଣପୁର୍ ସହର୍ ସହେତେ ଜିଲ୍ଲାର୍ ବିନ୍‌କା ଆଉ ବୀର୍‌ମହାରାଜ୍‌ପୁର୍ ନ ଶୀତଲ୍‌ଷଷ୍ଠୀ ଉଲ୍‌ଗୁନେ ଶୈବପୀଠ ଉତ୍ସବମୁଖର୍ ହେଇଛେ । ସୁବର୍ଣ୍ଣପୁର୍ ଠାନେ ବାବା ସୁବର୍ଣ୍ଣମେରୁ ମହଣ ମହଣ ରୂପାର୍ ବିମାନ୍ ଆଉ ସୁନାର୍ ଛତ୍ର ସହେତେ ଶୋଭାଯାତ୍ରାଥି ବାହାର୍‌ବେ ।

ବର୍‌ଗଡ୍ ଜିଲ୍ଲାର୍ ବର୍‌ପାଲି ନ ବାବା କପିଲେଶ୍ୱର୍ ବର୍‌ବେଶଥି ଶୋଭାଯାତ୍ରା ନ ହିମାଦ୍ରି ନଗର୍ ନ ପୁହୁଁଚିବାର୍ ଉତାରୁ ପାର୍ବତୀଙ୍କର୍ ସହେତେ ବିବାହ ସମ୍ପନ୍ନ ହେଇଥିଲା । ବର୍‌ଗଡ୍‌ର ଗୌରୀଶଙ୍କର୍ ବାବା ଆର୍ ମାତା ପାର୍ବତୀଙ୍କର୍ ପରିଣୟ ଲୌକିକ୍ ରୀତିନୀତି ଅନ୍‌ସାରେ ହେଇଯାଇଛେ । ପଦମ୍‌ପୁର୍ ନ ସ୍ୱପ୍ନେଶ୍ୱର୍ ବାବାଙ୍କର୍ ବିବାହ ଦେଖିବାର୍

ଲାଗି ଭକ୍ତମାନ୍‌କର୍ ଜବର୍ ସମାଗମ୍ ଦେଖ୍‌ବାର୍‌କେ ମିଲିଥିଲା ।

ବୌଦ୍ଧ ଶୀତଲ୍‌ଷଷ୍ଠୀ       ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ସହର୍ ଶିବ ପାର୍ବତୀଙ୍କର୍ ବିବାହ ଆଉ ଶୀତଲ୍‌ଷଷ୍ଠୀ ଯାତ୍ରା ଲାଗି ଉତ୍ସବମୁଖର୍ ହେଇଛେ । ଗଲାକାଏଲ୍ ପରିଣୟ ଉତ୍‌ରୁ ଆଏଜ୍ ଦେବଦମ୍ପତି ନଗର୍ ପରିକ୍ରମାଥି ଶୀତଲ୍‌ଷଷ୍ଠୀ ଯାତ୍ରା ନ ବାହାର୍‌ବେ । ମାତଙ୍ଗେଶ୍ୱର୍, ରାମନାଥ ଆଉ ଚନ୍ଦ୍ରଚୂଡ଼ ମହାଦେବ୍ ଆଉ ଅଲ୍‌ଗା ଦେବାଦେବୀଙ୍କର୍ ମଙ୍ଗଲ୍ ଆଲ୍‌ତୀ କରାଯାଇଥିଲା । ଶୀତଲ୍‌ଷଷ୍ଠୀଥି ସାମିଲ୍ ହେବାର୍ ଲାଗି ଭିନ୍ ଭିନ୍ ଜାଗାନୁ ପାରମ୍ପାରିକ୍ ସାଂସ୍କୃତିକ୍ ଦଲ୍ ମାନେ ପୁହୁଁଚିଛନ୍ । ଜିଲ୍ଲାର୍ ନୂର୍ପା, ବୀରରାମଚନ୍ଦ୍ରପୁର୍ ବାଗିର୍ ଜାଗାମାନ୍‌କେ ଥିବାର୍ ଶିବାଲୟମାନ୍‌କେ ଭିଲ୍ ଦେବଦେବ ମହାଦେବ ଆର୍ ପାର୍ବତୀଙ୍କର୍ ବିବାହ ଉତ୍ସବ୍ ଅନୁଷ୍ଠିତ ହେଇଯାଇଛେ ।

ଶୀତଲଷଷ୍ଠୀ- ଆକାଶବାଣୀ ଧାରା ବିବରଣୀ/ଆର୍‌ଏନ୍‌ୟୁ ସମ୍ବଲପୁର୍

ଆକାଶ୍‌ବାଣୀ ସମ୍ବଲ୍‌ପୁର୍ କେନ୍ଦ୍ର ତର୍‌ଫୁ ଆଏବାକାଏଲ୍ ସଖାଲେ ଶୀତଲ୍‌ଷଷ୍ଠୀ ଯାତ୍ରାର୍ ପ୍ରତ୍ୟକ୍ଷଦର୍ଶୀ ଧାରାବିବରଣୀ ପ୍ରଚାର୍ କରାଯିବା । ଇ ଧାରା ବିବରଣୀ ସକାଲର୍ ସାଢ଼େ ୯ ବଜେନୁ ୧ ବାଜିକରି ୫୦ ମିନିଟ୍‌ତକ୍ ପ୍ରସାରଣ୍ କରାଯିବା । ଇଟାକେ ଆକାଶ୍‌ବାଣୀ ବଲାଙ୍ଗିର୍, ଭବାନୀପାଟ୍‌ନା ଆର୍ ରାଉର୍‌କେଲା ଏକାସାଙ୍ଗେ ରିଲେ କର୍‌ବେ । ଇତାର୍‌ସହେତେ ଯାତ୍ରାର୍ ବିବରଣୀ ଦୂର୍‌ଦର୍ଶନ୍ କେନ୍ଦ୍ର ତର୍‌ଫୁ ଭିଲ୍ ପ୍ରସାରଣ୍ କରାଯିବାର୍ ବ୍ୟବସ୍ଥା କରାଯାଇଛେ ।

କେନ୍ଦ୍ରରେଲ୍‌ମନ୍ତ୍ରୀ-ଅଶ୍ୱିନୀ ବୈଷ୍ଣବ୍ ଆର୍‌ଏନ୍‌ୟୁ/ସମ୍ବଲ୍‌ପୁର୍

କେନ୍ଦ୍ର ସୂଚନା ଆଉ ପ୍ରସାରଣ୍ ମନ୍ତ୍ରୀ ଭାବେ ଅଶ୍ୱିନୀ ବୈଷ୍ଣବ୍ ଆଏଜ୍ ଦାୟିତ୍ୱ ଗ୍ରହଣ୍ କରିଛନ୍ । ଇ ଅବ୍‌ସରେ ସେ ୩ କୋଟି ଗ୍ରାମୀଣ ଆଉ ସହରାଂଚଲ୍ ଘର୍ ବନାବାର୍ ଲାଗି କେନ୍ଦ୍ର ସର୍‌କାର୍‌ଙ୍କର୍ ନିଷ୍ପତିକେ ପ୍ରଶଂସା କରିଛନ୍ । ସର୍‌କାର୍ ଦେଶ୍‌ବାସୀଙ୍କର୍ ସେବା ଜାରି ରଖିବେ ବଲି ଶ୍ରୀ ବୈଷ୍ଣବ୍ କହିଛନ୍ । ଶ୍ରୀ ବେଷ୍ଣବଙ୍କୁ ସୂଚନା ଆଉ ପ୍ରସାରଣ ମନ୍ତ୍ରଣାଲୟର୍ ସଚିବ ସଞ୍ଜୟ ଯାଜୁ ଆଉ ଅଲ୍‌ଗା ବରିଷ୍ଠ ଅଧିକାରୀମାନେ ସ୍ୱାଗତ୍ କରିଥିଲେ ।

ରାଜ୍‌ଧାନୀ - ଅଧା ଛୁଟି ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ନ ନୂଆଁ ସର୍‌କାର୍ ମୁଖ୍ୟମନ୍ତ୍ରୀ ଆଉ ମନ୍ତ୍ରିମଣ୍ଡଲ୍‌ର ସଦସ୍ୟମାନ୍‌କର୍ ଶପଥ୍ ଗ୍ରହଣ୍ ଉତ୍ସବ୍ ଲାଗି ଆଏବା କାଏଲ୍ ଭୁବ୍‌ନେଶ୍ୱର୍ ନ ଅଧାଛୁଟି ଘୋଷ୍‌ନା କରାଯାଇଛେ । ମଏଧାନର୍ ୧ ବଜେ ଉତ୍‌ରୁ ଭୁବ୍‌ନେଶ୍ୱର୍ ମହାନଗର୍ ନିଗମ୍ ଇଲାକାର୍ ସବୁ ସର୍‌କାରୀ କାର୍ଯ୍ୟାଳୟ ବନ୍ଦ୍ ରହେବା ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍‌ନାମା ଜାରି କରାଯାଇଛେ ।

ଆନ୍ତରାଷ୍ଟ୍ରୀୟ ଯୋଗ ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟ ତର୍‌ଫୁ ୩ ନମ୍ବର୍ ସଂସ୍କରଣ୍ ଆନ୍ତରାଷ୍ଟ୍ରୀୟ ଯୋଗ ଦିବସ୍ ମିଡ଼ିଆ ସମ୍ମାନ୍-୨୦୨୪ ଘୋଷ୍‌ନା କରାଯାଇଛେ । ଭାରତ୍ ଆଉ ବିଦେଶେ ଯୋଗ ବାବ୍‌ଦେ ବାର୍ତା ବିତରଣ୍‌ଥି ସକାରାତ୍ମକ୍ ଭୂମିକା ଲାଗି ଇ ସମ୍ମାନ୍ ୨୦୧୯ ମସିହାନୁ ମୁଲ୍ କରାଯାଇଛେ । ମୁଦ୍ରଣ, ଟେଲିଭିଜନ୍ ଆଉ ରେଡ଼ିଓର୍ ୨୨ ଟା ଭାରତୀୟ ଭାଷା ଆର୍ ଇଂଲିଶ୍ ଲାଗି ୩୩ ଟା ସମ୍ମାନ୍ ଦିଆଯିବା । ଇ ସମ୍ମାନ୍ ଲାଗି ଗଣମାଧ୍ୟମ୍ ସଂସ୍ଥାମାନେ ଗଲା ୧୨ ତାରିଖ୍‌ନୁ ଆଏବା ୨୫ ତାରିଖ୍ ଭିତ୍‌ରେ ପ୍ରକାଶ୍ କରିଥିବା ଲେଖା, କ୍ଲିପିଂସ୍, ଟେଲିକାଷ୍ଟ ଆଉ ବ୍ରଡ଼କାଷ୍ଟ୍ ସହେତେ ଆଏବା

ମାସର୍ ୮ ତାରିଖ୍‌ତକ୍ ଆବେଦନ୍ କରିପାର୍‌ବେ । ଇ ସମ୍ମାନ୍ ବାବ୍‌ଦେ ସବିଶେଷ୍ ବିବରଣୀ ପ୍ରେସ୍ ଇନ୍‌ଫର୍‌ମେସନ୍ ବ୍ୟୁରୋର ୱେବ୍‌ସାଇଟ୍‌ଥି ମିଲିପାରୁଛେ ।

ବିଏଡ୍- ନାଁଲେଖା ଆର୍‌ଏନ୍‌ୟୁ/ କଟକ୍

୨୦୨୪ -୨୫ ଶିକ୍ଷାବଛ୍‌ରେ ରାଜ୍ୟର୍ ଭିନ୍ ଭିନ୍ ଶିକ୍ଷାନୁଷ୍ଠାନ୍ ନ ବିଏଡ୍ ଶ୍ରେଣୀ ନ ନାଁଲେଖାବାର୍ ଲାଗି ୯୫ ହଜାର୍ ଶହେ ୧୬ ଝନ୍ ପ୍ରାର୍ଥୀ ଆବେଦନ୍ କରିଛନ୍ । ଗଲାକାଏଲ୍ ଆବେଦନ୍ ଲାଗି ଶେଷ୍ ତାରିଖ୍ ଥିବାର୍ ବେଲେ ଆଏଜ୍ ଫର୍ମ ସଂଶୋଧନ୍ କରାଯାଉଛେ । ରାଏଜେ ଥିବା ୩୧ ଟା ଶିକ୍ଷାନୁଷ୍ଠାନ୍‌ର ୨ ହଜାର୍ ୭ ଶହ ୫୦ ଟା ଆସନ୍ ଲାଗି ଆଏବା ଜୁଲାଇ ମାସର୍ ୨୪ ତାରିଖେ ବିଏଡ୍ ଆର୍ ବିଏଚ୍‌ଏଡ୍ ଆର୍ ୨୫ ତାରିଖ୍ ଦିନ ଏମ୍‌ଏଡ୍ ଶ୍ରେଣୀ ଲାଗି ପ୍ରବେଶିକା ପରୀକ୍ଷା କରାଯିବା । ଆବେଦନ୍‌କାରୀମାନେ ଜୁଲାଇ ମାସର୍ ୧୫ ତାରିଖେ ରାଜ୍ୟ ପ୍ରବରଣ୍ ମଣ୍ଡଳୀ- ଏସ୍‌ଏସ୍‌ବି ୱେବ୍‌ସାଇଟ୍‌ନୁ ଏଡ୍‌ମିଟ୍‌କାର୍ଡ଼ ଡାଉନ୍‌ଲୋଡ୍ କରିପାର୍‌ବେ ବଲି ଜନାପଡ଼ିଛେ ।

କ୍ରାଇମ୍ ବ୍ରାଂଚ୍ - ନିଶାଦ୍ରବ୍ୟ ଆର୍‌ଏନ୍‌ୟୁ/ କଟକ୍

ଚଲ୍ତି ବଛରର୍ ପହେଲା ୬ ମାସ୍ ଭିତ୍ରେ ରାଜ୍ୟ କ୍ରାଇମ୍ବ୍ରାଂଚ୍ର ସ୍ୱତନ୍ତ୍ର ଟାସ୍କଫୋର୍ସ ୭ କୋଟି ୬୬ ଲାଖ୍ ଟଙ୍କାର୍ ନିଶା ଦରବ୍ ଆଉ ଚୋରି ସାମାନ୍ ଜବତ୍ କରିଛେ । ଇ ସମିଆ ଭିତ୍ରେ କ୍ରାଇମ୍ବ୍ରାଂଚ୍ ୧୮ ଟା ମାମ୍ଲା ଦାଏର୍ କରିଥିବାର୍ ଜନାପଡ଼ିଛେ । ପୁରୀ, ବୌଦ୍ଧ, କନ୍ଧମାଲ୍, ସୁବର୍ଣ୍ଣପୁର୍, ସୁନ୍ଦର୍ଗଡ଼୍, ସମ୍ବଲ୍ପୁର୍, ଅନୁଗୁଲ୍ ଆଉ ଭୁବ୍ନେଶ୍ୱର୍ନୁ ବିଶେଷ୍ କରି ନିଶାଦରବ୍ ଆଉ ଚୁରା ସାମାନ୍ ଜବତ୍ କରାଯାଇଛେ । କ୍ରାଇମ୍ବ୍ରାଂଚ୍ର ସ୍ୱତନ୍ତ୍ର ଟାସ୍କଫୋର୍ସ ଗଲା ୬ ମାସ୍ ଭିତ୍ରେ ପୁରୀ ଜିଲ୍ଲାନୁ ୧ କୋଟି ୫ ଲାଖ୍ ଟଙ୍କାର୍ ବ୍ରାଉନ୍ ସୁଗର୍ ଜବତ୍ କର୍ବାର୍ ସହେତେ ବୌଦ୍ଧନୁ ୭ ଲାଖ୍ନୁ ଅଏତ୍କା ଟଙ୍କାର୍ ଗଞ୍ଜେଇ ଆଉ ଫୁଲ୍ବାଣୀନୁ କଲ୍ରାପତ୍ରିଆ ବାଘର୍ ଛାଲ୍ ଜବତ୍ କରିଥିବାର୍ ଜନାପଡ଼ିଛେ । ଇସବୁ ଘଟ୍ନାଥି ସାମିଲ୍ ଲୁକ୍କୁ ରାଜ୍ୟ, ରାଜ୍ୟବାହାରୁ ଗିରଫ୍ କରାଯାଇକରି ଭିନ୍ ଭିନ୍ ଧାରାଥି କୋର୍ଟ ଚାଲାଣ୍ କରାଯାଇଛେ ।

ଏମ୍ସିଏଲ୍-ଏମ୍ସ ବୁଝାମଣା ଆର୍ଏନ୍ୟୁ / ସମ୍ବଲପୁର

ଓଡ଼ିଶା ନ ସ୍ୱାସ୍ଥ୍ୟସେବାକେ ଆହୁରି ଦୁରୁସ୍ତ୍ କର୍ବାର୍ ଲାଗି ରାଷ୍ଟ୍ରାୟତ ମହାନଦୀ କୋଇଲା କମ୍ପାନୀ- ଏମ୍ସିଏଲ୍ର ଆରୋଗ୍ୟ ଯୋଜ୍ନାଥି ଅଖିଲ୍ ଭାରତୀୟ ଆୟୁର୍ବିଜ୍ଞାନ୍ ସଂସ୍ଥାନ୍-ଏମ୍ସ ସାଙ୍ଗେ ଗୁଟେ ବୁଝାମଣା ପତ୍ର ସ୍ୱାକ୍ଷରିତ

ହେଇଛେ । ସାଧାରଣ ଲୁକର୍ ପାଖେ ବଢ଼ିଆଁ ସ୍ୱାସ୍ଥ୍ୟସେବା ସୁବିଧା ପୁହୁଁଚାବାର୍ ଲାଗି ଆରୋଗ୍ୟ ଯୋଜ୍‌ନାଥି କର୍କଟ ରୋଗୀ ମାନ୍‌କର୍ ଚିକିତ୍ସା ଉପ୍‌ରେ ଜୋର୍ ଦିଆଯିବା । ବୁଝାମଣାପତ୍ର ଅନ୍‌ସାରେ ଏମ୍ସ ନ ମଲ୍ଟି ୟୁଟିଲିଟି ଗେଷ୍ଟ୍ରୋନୋମି ବ୍ଲକ୍ ତିଆର୍ କରାଯିବାର୍ ସହେତେ ଦର୍‌କାରୀ ଚିକିତ୍ସା ଉପକରଣ୍ ଘିନାଯିବା ।

ପାଣିପାଗ      ଆର୍‌ଏନ୍‌ୟୁ/ସମ୍ବଲପୁର

ପଶ୍ଚିମ ଓଡ଼ିଶା ନ ଜବର୍ ତାତି ସହେତେ ଉପକୂଳ ଓଡ଼ିଶା ନ ଗୁଲ୍‌ଗୁଲି ହେଉଛେ । ଆଏବା ଶୁକ୍ରବାର୍‌ତକ୍ ଏନ୍ତା ଥିତି ଲାଗି ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ପୂର୍ବାନୁମାନ୍ କରିଛେ । ହେନ୍ତା ଆଏବା ୪ ଦିନ୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ କାଲ୍‌ବୈଶାଖୀ ପ୍ରଭାବ୍‌ଥି ବର୍ଷା ହେବାର୍ ସମ୍ଭାବନା ରହିଛେ । ସେଆଡ଼େ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ନ ପୁହୁଁଚିଛେ । ମୌସୁମୀ ବାୟୁ ଦକ୍ଷିଣ ଓଡ଼ିଶାର୍ କେତେକ୍ ଜାଗା ଛୁଇଁଥିବାର୍ ବେଲେ ଆଏବା ଦିନେ ସାରା ରାଏଜେ ପ୍ରବେଶ୍ କର୍‌ବା ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ ।